## କୁକୁର କାମୁଡ଼ାରେ ୩ ଆହତ

ଲୋଇସିଂହା, (ଡି.ଏନ୍.ଏ.): ବୁଲା କୁକୁର କାମୁଡାରେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଲୁହୁରାପାଲି ଗ୍ରାମର ୩ଜଣ ଆହତ ହୋଇଛନ୍ତି। ଏଥିସହ ଏକ ବାଛୁରୀକୁ ମଧ୍ୟ ଉକ୍ତ କୁକୁର କାମୁଡିଛି। ଆହତ ବ୍ୟକ୍ତିମାନେ ହେଲେ ଗୁର୍ଜିଭଟାର ସୁଶାନ୍ତ ସେଠ୍ ଓ ସୁନିତା ପଟେଲ, କେଉଁଟପାଲିର ରାଜୁ ସାହୁ। କୁକୁରଟି ପ୍ରଥମେ ବାଛୁରୀକୁ କାମୁଡି ଦେଇ ଗୁର୍ଜିଭଟା ଆଡକୁ ଯାଇଥିଲା। ସେଠାରେ ସୁଶାନ୍ତ ଓ ସୁନିତାଙ୍କୁ କାମୁଡିବା ପରେ ସେହି ରାସ୍ତାରେ ଏକ ବାଇକରେ ଯାଉଥିବା କେଉଁଟପାଲିର ରାଜୁଙ୍କୁ ଆକ୍ରମଣ କରିଥିଲା।

# ବାପାଙ୍କ ଅନ୍ତିମ ସଂସ୍କାରରେ ଯୋଗଦେଇ ପାରିଲେନି ପୁଅ

**ଅମରପାଲି, ୧୮।୭(ଡି.ଏନ.ଏ.)**

୧୮ ଦିନ ହେଲା ମୁଁ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର(ଟିଏମ୍‌ସି)ରେ ଅଛି। ୩ ଦିନ ହେଲା ମୋ ବାପାଙ୍କ ମୃତ୍ୟୁ ହୋଇଛି। ଏକମାତ୍ର ପୁଅ ହୋଇବି ବାପାଙ୍କ ଅନ୍ତିମ ସଂସ୍କାରରେ ସାମିଲ ହୋଇପାରିଲି ନାହିଁ। ମୋର କ୍ୱାରେଣ୍ଟାଇନ ଅବଧି ସରିଲାଣି। ମୋତେ ଘରକୁ ଯିବାକୁ ଅନୁମତି ଦେଲେ ବାପାଙ୍କ ଶୁଦ୍ଧିକ୍ରିୟା କାର୍ଯ୍ୟ କରିବି। ଏଭଳି ଭାବେ କ୍ୱାରେଣ୍ଟାଇନ କେନ୍ଦ୍ରରୁ ପ୍ରଶାସନକୁ ଏକ ଭିଡିଓ ମାଧ୍ୟମରେ ଅନୁରୋଧ କରିଛନ୍ତି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁରଧାପାଲି (ହୋତାପାଲି)ର ପ୍ରଭୁ ମିଞ୍ଜ(୨୦)।

ପ୍ରଭୁଙ୍କ କହିବା ଅନୁସାରେ ବାପା ବୁଧୁ ମିଞ୍ଜ(୫୮), ମା' ଗେନ୍ଦ୍ରା ମିଞ୍ଜ(୫୩), ୨ ଭଉଣୀ ମଙ୍ଗ୍ରିତା (୧୩) ଓ ଗୀତା (୧୨)ଙ୍କୁ ନେଇ ତାଙ୍କ ପରିବାର। ଆର୍ଥିକ ଅନଟନ ମଧ୍ୟରେ ଚାଲି ଥିଲା ତାଙ୍କ ପରିବାର। ଏପରି ସମୟରେ ବାପା ବୁଧୁ କିଡ଼ନୀ ରୋଗରେ ଆକ୍ରାନ୍ତ ହେଲେ। ଚିକିତ୍ସା ପାଇଁ ଟଙ୍କାର ଆବଶ୍ୟକ ପଡିଲା। କୌଣସି ଉପାୟ ନ ପାଇ ପ୍ରଭୁ ବାଙ୍ଗାଲୁରର ଏକ ଇଟା କାରଖାନାରେ ଦାଦନ ଖଟିବାକୁ ଯାଇଥିଲେ। ଯାହା ପାରିଶ୍ରମିକ ପାଉଥିଲେ ବାପାଙ୍କ ଚିକିତ୍ସା ପାଇଁ ପଠାଉଥିଲେ। ମାତ୍ର ବାପାଙ୍କ ସ୍ୱାସ୍ଥ୍ୟବସ୍ଥା ଦିନକୁ ଦିନ ବିଗିଡ଼ିବା ପରେ ଘରକୁ ଫେରି ଆସିଲେ। କରୋନା ନିୟମ ଅନୁଯାୟୀ, ପ୍ରଭୁ ସ୍ଥାନୀୟ ବହଲକଦର ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହିଲେ। ଶଯ୍ୟାଶାୟୀ ବାପାଙ୍କ ସେବାଶୁଶ୍ରୁଷା କରିବାକୁ ଇଚ୍ଛା ଥିଲେ ବି କ୍ୱାରେଣ୍ଟାଇନ କଟକଣା ସେଥିରେ ପ୍ରତିବନ୍ଧକ ସୃଷ୍ଟି କରିଥିଲା। ଇତିମଧ୍ୟରେ ବାପାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇପଡିଲା। ଶେଷରେ ଗତ ୧୬ ତାରିଖରେ ସେ ଆଖି ବୁଜିଲେ।


ନିଜ ଭଙ୍ଗା ଘରେ ବୁଧୁଙ୍କ ସ୍ତ୍ରୀ ଓ ଝିଅ। ଇନ୍‌ସେଟ୍‌ରେ ମୃତ ବୁଧୁ ମିଞ୍ଜ।

- ଟିଏମ୍‌ସିରେ ୧୮ ଦିନ ପରେ ବି ଯିବାକୁ ଅନୁମତି ନାହିଁ
- ସ୍ୱାବ୍ ରିପୋର୍ଟକୁ ଅପେକ୍ଷା କରିଛି ପ୍ରଶାସନ
- ବାପାଙ୍କ ଚିକିତ୍ସା ପାଇଁ ଟଙ୍କା ନ ଥିଲା
- ଦାଦନ ଖଟି ଯାଇଥିଲେ ଏକମାତ୍ର ପୁଅ

ସରକାରୀ କ୍ୱାରେଣ୍ଟାଇନରେ ରହିବା ୧୮ ଦିନ ହେଲେ ମଧ୍ୟ ପ୍ରଭୁଙ୍କୁ ଘରକୁ ଯିବାକୁ ଅନୁମତି ମିଳିନାହିଁ। ବାପାଙ୍କ ଅନ୍ତିମ ସଂସ୍କାରରେ ଯୋଗଦେଇ ପାରି ନ ଥିଲେ ମଧ୍ୟ ତାଙ୍କ ଶୁଦ୍ଧିକ୍ରିୟାରେ ସେ ଯୋଗଦେବାକୁ ଚାହୁଁଛନ୍ତି। ତଥାପି ତାଙ୍କ କଥା କେହି ଶୁଣୁ ନାହାନ୍ତି ବୋଲି ଦୁଃଖଭରା କଣ୍ଠରେ ପ୍ରଭୁ କହିଛନ୍ତି। ଏ ନେଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କ୍ଷୀରୋଦ ରାୟଙ୍କୁ ପଚାରିବାରୁ ତାଙ୍କର ସ୍ୱାବ୍ ରିପୋର୍ଟ ଏ ଯାଏ ଆସି ନ ଥିବାରୁ ଟିଏମ୍‌ସିରୁ ପ୍ରଭୁଙ୍କୁ ଛଡା ଯାଇନାହିଁ। ବୀରମହାରାଜପୁର ବିଡ଼ିଓ ମୋତିଲାଲ ସୁଲିଆଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ତାଙ୍କୁ ଘରକୁ ଯିବାକୁ ଅନୁମତି ଦିଆଯିବ ବୋଲି କହିଛନ୍ତି। ଉକ୍ତ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି ହେଉଛି।

## ସଂକ୍ଷେପରେ

### ରେଢ଼ାଖୋଲରେ ଗୋଷ୍ଠୀ ସଂକ୍ରମଣ ଆଶଙ୍କା

ରେଢାଖୋଲ ୧୮।୭(ଡି.ଏନ.ଏ): ସମ୍ବଲପୁର ଜିଲା ରେଢାଖୋଲରେ ୨ ଦିନରେ ୧୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେଲେଣି। ଶୁକ୍ରବାର ୭ ଜଣ ଓ ଶନିବାର ୧୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହେଲେଣି। ଏଣୁ ଏ ଅଞ୍ଚଳରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସଂକ୍ରମଣକୁ ନେଇ ଭୟର ବାତାବରଣ ସୃଷ୍ଟି ହୋଇଛି। ତେବେ ପ୍ରଶାସନିକ ଅବହେଳା ଯୋଗୁ ଏଠାରେ ଗୋଷ୍ଠୀ ସଂକ୍ରମଣ ବ୍ୟାପିବା ଆଶଙ୍କା ଦେଖାଦେଇଛି। ପ୍ରଶାସନର ଖାମଖିଆଲି ମନୋଭାବ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେବାକୁ ଯାଉଥିବା ନେଇ ଲୋକେ ଅଭିଯୋଗ କରିଛନ୍ତି। ଶନିବାର ଜିଲାପାଳ ଶୁଭମ୍ ସକସେନା ଏଠାରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଡାକ୍ତରଖାନାରେ ପହଞ୍ଚି ଏସ୍‌ଡିଏମ୍‌ଓ ଡାକ୍ତର ବିହାରୀ ସାହୁଙ୍କ ସହ ଆଲୋଚନା କରିଥିଲେ। ସେହିଭଳି ଉପଜିଲାପାଳ ଡୋଳାମଣି ପଟେଲଙ୍କ ସହ ମଧ୍ୟ ଜିଲାପାଳ କଥା ହୋଇ ପରିସ୍ଥିତି ବୁଝିଥିଲେ।

### ଜଙ୍ଗଲରୁ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

ଉଲୁଣ୍ଡା,୧୮।୭(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ଜଉଁରାଭଉଁରା ଗ୍ରାମ ନିକଟ ଜଙ୍ଗଲରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ଶୁକ୍ରବାର ଉଦ୍ଧାର କରାଯାଇଛି। ମୃତ ବ୍ୟକ୍ତି ଜଣକ ସମ୍ବଲପୁର ଜିଲା ଧମା ଥାନା ବଦୁଆପାଲି ଗ୍ରାମର ସରୋଜ ବିଶ୍ୱାଳ (୨୮)। ଜଉଁରାଭଉଁରା ଗ୍ରାମର ଏକ ଚେକ୍‌ଡ୍ୟାମ ପାଣିରେ ବୁଡିଯାଇ ସରୋଜ ମୃତ୍ୟୁବରଣ କରିଥିବା ଓ କେତେକ ତାଙ୍କ ମୃତଦେହକୁ ଉକ୍ତ ଜଙ୍ଗଲରେ ଫିଙ୍ଗି ଦେଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ସରୋଜ ଉଲୁଣ୍ଡା ବ୍ଲକ ଅଇଁଲାଛାଟ ଗ୍ରାମର କାନ୍ଦୁରୁ ଭୋଇଙ୍କ ଝିଅକୁ ଗତ ୩ ବର୍ଷ ତଳେ ବିବାହ କରିଥିବା ବେଳେ ପରିବାର ସହ ଶ୍ୱଶୁର ଘରେ ରହୁଥିଲେ। ଗତ ୧୫ ତାରିଖରେ ସେ ଜଉଁରାଭଉଁରା ଗ୍ରାମର ୨ ଜଣ ଯୁବକଙ୍କ ସହ ଚେକ୍‌ଡ୍ୟାମକୁ ଗାଧୋଇବାକୁ ଯାଇ ନିଖୋଜ ଥିଲେ। ୧୬ ତାରିଖରେ ପୋଲିସକୁ ନ ଜଣାଇ କେହି ମୃତଦେହ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଫିଙ୍ଗି ଦେଇ ଆସିଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରିଥିଲା। ଏହି ଘଟଣାରେ ପୋଲିସ ୩ ଜଣ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି।

### ବାଲ୍ୟବିବାହ ବିରୋଧରେ ସଚେତନତା ଶୋଭାଯାତ୍ରା

ତରଭା,୧୮।୭(ଡି.ଏନ.ଏ.):ବାଲ୍ୟ ବିବାହ ବିରୋଧରେ ସଚେତନତା ସୃଷ୍ଟି କରିବା ପାଇଁ ଗୁରୁବାର ସୁବର୍ଣ୍ଣପୁର ଜିଲା ତରଭା ବ୍ଲକର ଦୁଇଟି ଗ୍ରାମରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଅଗଷ୍ଟ ମାସରେ ବ୍ରାହ୍ମଣୀ ପଞ୍ଚାୟତର ଭୁରାଡ ଓ ଦୁବୁଲା ପଞ୍ଚାୟତର ସୁର୍ଜିମୁଣ୍ଡା ଗାଁକୁ ବାଲ୍ୟବିବାହ ମୁକ୍ତ ଗାଁ ଭାବେ ଘୋଷଣା କରାଯିବ। ଏହି ପରିପ୍ରେକ୍ଷୀରେ ଆୟୋଜିତ ଶୋଭାଯାତ୍ରାରେ ବିଭିନ୍ନ ସ୍ଲୋଗାନ ଦିଆଯାଇ ବାଲ୍ୟ ବିବାହର କୁପରିଣତି ଓ ଦଣ୍ଡବିଧାନ ବ୍ୟବସ୍ଥା ଉପରେ ଲୋକଙ୍କୁ ସଚେତନ କରାଯାଇଥିଲା। ୱାର୍ଡମେମ୍ବର, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଓ ଅନ୍ୟ ମହିଳାମାନେ ଅନ୍ୟମାନଙ୍କୁ ସଚେତନ କରିଥିଲେ।

### ବରଗଡ଼ ଜିଲାରେ ୨ଟି ୩୩/୧୧ କେଭି ସବ୍‌ଷ୍ଟେଶନ କାର୍ଯ୍ୟକ୍ଷମ

ସମ୍ବଲପୁର, ୧୮।୭ (ବ୍ୟୁରୋ): ବରଗଡ ଜିଲାର ଧାତୁକପାଲି ଓ ମହୁଲପାଲିଠାରେ ୨ଟି ନୂତନ ୩୩/୧୧ କେଭି ସବ୍‌ଷ୍ଟେସନ କାର୍ଯ୍ୟକ୍ଷମ ହୋଇଛି। ଏହି ସବ୍‌ଷ୍ଟେସନ ୨ଟି ଲେଖାଏଁ ୫ ଏମଭିଏ କ୍ଷମତା ବିଶିଷ୍ଟ ଟ୍ରାନ୍ସଫର୍ମର ବସାଯାଇଛି। ଧାତୁକପାଲିସ୍ଥିତ ସବ୍‌ଷ୍ଟେସନରୁ ପପଙ୍ଗା, ଜାମଟିକ୍ରା, କଅଗାଁ ପ୍ରଭୃତି ୩ଟି ଫିଡର୍ ମାଧ୍ୟମରେ ରିଷିଡା, ମାନପୁର, ଅର୍ଜୁଣ୍ଡା, ପପଙ୍ଗା, ସିଆଲଖଣ୍ଡା ପଞ୍ଚାୟତର ୧୪ଟି ଗାଁକୁ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ କରାଯାଉଛି। ଏହି ସବ୍‌ଷ୍ଟେସନ ଦ୍ୱାରା ୨ହଜାର ପରିବାର ଗୁଣାତ୍ମକ ବିଦ୍ୟୁତ ପାଇପାରିବେ। ସେହିପରି ମହୁଲପାଲିଠାରେ ନିର୍ମିତ ୩ଟି ୩୩/୧୧ କେଭି ସବଷ୍ଟେସନରୁ ୧୧ କେଭି ଫିଡର୍ ମାଧ୍ୟମରେ ମହଲୁପାଲି, ସିଆଲଖଣ୍ଡତା, ସୁନାଲରମ୍ଭା ପଞ୍ଚାୟତର ୨୨ଟି ଗାଁକୁ ସ୍ଥିର ଓ ଗୁଣାତ୍ମକ ବିଦ୍ୟୁତ ଯୋଗାଇ ଦିଆଯାଇଛି। ଏହାଦ୍ୱାରା ୩ହଜାର ପରିବାର ଉପକୃତ ହେଉଥିବା ୱେସ୍କୋ ୟୁଟିଲିଟି ମୁଖ୍ୟ ଅଫିସ ପକ୍ଷରୁ ସୂଚନା ଦିଆଯାଇଛି।

# ସ୍ୱାବ୍ ସଂଗ୍ରହର ୧୨ଦିନ ବିତିଲା, ରିପୋର୍ଟ ଆସିନି

**ସୋନପୁର,୧୮।୭(ନି.ପ୍ର.)**

**ଚିନ୍ତାରେ ସ୍ୱାସ୍ଥ୍ୟ ବିଭାଗ, ଅଞ୍ଚଳବାସୀ**

ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କରୋନା ଲକ୍ଷଣ ଦେଖା ଯାଉଥିବା ବ୍ୟକ୍ତିଙ୍କଠାରୁ ସ୍ୱାବ୍ ସଂଗ୍ରହ ହେଉଛି। ତଥାପି ରିପୋର୍ଟ ଆସିବାରେ ବହୁ ବିଳମ୍ବ ହେଉଛି। ପଜିଟିଭ୍ ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ସନ୍ଦିଗ୍ଧମାନେ ଘରେ ରହୁଛନ୍ତି। ପରିବାର ଓ ଗ୍ରାମର ଲୋକଙ୍କ ସହିତ ମିଶୁଛନ୍ତି। ଏହାଦ୍ୱାରା ସଂକ୍ରମିତଙ୍କ ସଂଖ୍ୟା ବଢିବା ସମ୍ଭାବନା ଥିବାରୁ ଚିନ୍ତା ବଢୁଛି। ଥଣ୍ଡା, ଜ୍ୱର ଓ କାଶ ଭଳି ଲକ୍ଷଣ ପ୍ରକାଶ ପାଇବା ପରେ ଗତ ୬ ତାରିଖରେ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅଞ୍ଚଳର ୧୦ ଜଣଙ୍କ ସ୍ୱାବ୍ ସଂଗ୍ରହ ହୋଇଥିଲା। ଜିଲା ସ୍ୱାସ୍ଥ୍ୟ ବିଭାଗ ସଂଗୃହୀତ ସ୍ୱାବ୍‌କୁ ପରୀକ୍ଷା ପାଇଁ ସେହିଦିନ ରାତିରେ ଏକ ସ୍ୱତନ୍ତ୍ର ଭ୍ୟାନ୍‌ରେ ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ ଲାଇଫ ସାଇନ୍‌ସକୁ ପଠାଇଥିଲେ। କିନ୍ତୁ ଏହି ସ୍ୱାବ୍ ରିପୋର୍ଟ ଶନିବାର ସନ୍ଧ୍ୟା ପର୍ଯ୍ୟନ୍ତ ଆସିନାହିଁ। ତେଣୁ ସମ୍ପୃକ୍ତ ବ୍ୟକ୍ତିମାନେ କରୋନା ସଂକ୍ରମିତ କି ନୁହେଁ ଜାଣି ପାରୁନାହାନ୍ତି। ଲୋକେ ସେମାନଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖିବା ସହ ଅଛୁଆଁ କରୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ଚିନ୍ତାରେ ପଡିଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ୪୯ ଜଣ ଆକ୍ରାନ୍ତ ହୋଇଥିବା ବେଳେ ୪୪ ଜଣ ସୁସ୍ଥ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ କେବଳ ଡୁଙ୍ଗୁରିପାଲି ବ୍ଲକରୁ ୨୪ ଜଣ ଅଛନ୍ତି। ଗତ ୭ ତାରିଖରେ ୫ ଜଣ ଓ ୧୬ ତାରିଖରେ ୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ୯ଜଣ ସ୍ଥାନୀୟ ବ୍ୟକ୍ତି ହୋଇଥିବାରୁ ସଂକ୍ରମଣ ଆଶଙ୍କା ବୃଦ୍ଧି ପାଇଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲୀପ କୁମାର ପଣ୍ଡାଙ୍କୁ ପଚାରିବାରେ ଘଟଣାକୁ ସ୍ୱୀକାର କରିଛନ୍ତି। ଡାକ୍ତର ପଣ୍ଡା କହିଥିଲେ ଯେ, ୧୦ ଜଣଙ୍କ ସ୍ୱାବ୍ ରିପୋର୍ଟ ଆସିବାରେ ବହୁ ବିଳମ୍ବ ହୋଇଛି। ଶୀଘ୍ର ରିପୋର୍ଟ ପଠାଇବା ପାଇଁ ଆମେ ରିମାଇଣ୍ଡର ମେସେଜ୍ ଦେଇଛୁ। ସୂଚନାଯୋଗ୍ୟ ଯେ,ବର୍ତ୍ତମାନ ସୁଦ୍ଧା ଜିଲାରେ ୭୧୨୯ ଜଣଙ୍କ ସ୍ୱାବ୍ ସଂଗ୍ରହ ହୋଇଛି। ତେବେ ଶନିବାର ସୁଦ୍ଧା ୬୬୧୬ ଜଣଙ୍କ ରିପୋର୍ଟ ଆସିଛି। ସେଥିରୁ ୪୯ ପଜିଟିଭ ଓ ଅନ୍ୟସବୁ ନେଗେଟିଭ ଆସିଥିବା ଜଣାଯାଇଛି।

## ମାତୃତ୍ୱ ଆଗରେ ହାର ମାନିଲା ଭେଦଭାବ



**ଭବାନୀପାଟଣା,୧୮।୭(ସ୍ୱ.ପ୍ର.)**

ଏକ ବୁଲା କୁକୁର ଗୋଟିଏ ବିଲେଇ ଛୁଆକୁ ସ୍ତନପାନ କରାଇବା ଘଟଣା ଶନିବାର କଳାହାଣ୍ଡି ଜିଲା କୋକସରା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସତେ ଯେମିତି ମାତୃତ୍ୱ ଆଗରେ କୁକୁରଟି ଭୁଲି ଯାଇଛି ସବୁ ଭେଦଭାବ। ବୁଲା କୁକୁରଟି କିଛିଦିନ ତଳେ ୩ ଛୁଆ ଜନ୍ମ ଦେଇଥିଲା। ହେଲେ ସେଥିମଧ୍ୟରୁ ଗୋଟେ ଛୁଆର ମୃତ୍ୟୁ ହୋଇଥିଲା। ସେହିପରି ମା' ବିଲେଇ ତାର ଛୁଆକୁ ଛାଡି ଚାଲି ଯାଇଥିଲା। ସେଦିନଠାରୁ କୁକୁରଟି ସେହି ବିଲେଇ ଛୁଆକୁ ସ୍ତନପାନ କରାଉଛି। ଶୁକ୍ରବାର ଜଣେ ବ୍ୟକ୍ତି ସେହି ଭିଡିଓଟି ଉତ୍ତୋଳନ କରିବା ପରେ ତାହା ଶନିବାର ସାମ୍ନାକୁ ଆସିଛି।

## ସଂଘବଦ୍ଧ ଆକ୍ରମଣରେ ଆହତ ଯୁବକଙ୍କ ମୃତ୍ୟୁ

**ବଲାଙ୍ଗୀର ଅଫିସ/ଦେଓଗାଁ, ୧୮।୭ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ପରଧିଆପାଲି ଗାଁରେ ଶୁକ୍ରବାର ରାତିରେ ଜଣେ ବ୍ୟକ୍ତିଙ୍କୁ ସେହି ଗାଁର ସରଜୁ ବର୍ଗେ(୪୫)ଙ୍କୁ ୬ ଜଣ ଯୁବକ ସଂଘବଦ୍ଧ ଆକ୍ରମଣ କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ଦେଓଗାଁ ପୋଲିସ ଘଟଣା ସମ୍ପର୍କରେ କୌଣସି ତଥ୍ୟ ଦେଉ ନ ଥିବାରୁ ଏହାକୁ ଲୁଚାଇବାକୁ ଉଦ୍ୟମ ହେଉଥିବା ନେଇ ଚର୍ଚ୍ଚା ଜୋର ଧରିଛି। ମିଳିଥିବା ଖବର ଅନୁସାରେ ଏକ କୁଚିଆ ମଦ ଦୋକାନରେ କୌଣସି କଥାକୁ ନେଇ ସେହି ଗାଁର ସରଜୁ ଓରଫ୍ ଦେବାନନ୍ଦ ବର୍ଗେଙ୍କୁ ସେହି ଗାଁର ୬ ଜଣ ଯୁବକ ମାଡ ମାରିଥିଲେ। ସେମାନଙ୍କ ମାଡରେ ଲହୁ ଲୁହାଣ ହୋଇପଡିଥିବା ସରଜୁଙ୍କୁ ବଲାଙ୍ଗୀର ନିଆଯାଇଥିଲା। ଦେଓଗାଁ ଥାନାଧିକାରୀ ରଞ୍ଜନ ବରିହା କହିଛନ୍ତି ଆହତ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଟିକିଏ ପରେ ତଥ୍ୟ ଦେବେ। ଏହା ପରେ ବାରମ୍ବାର ତାଙ୍କ ମୋବାଇଲ ନମ୍ବରରେ ବାରମ୍ବାର ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ ସେ ଆଉ ଫୋନ୍ ଉଠାଇ ନ ଥିଲେ। ତେବେ ପୋଲିସ ଉକ୍ତ ଘଟଣାରେ ସମ୍ପୃକ୍ତ ୫ ଜଣଙ୍କୁ ଅଟକ ରଖିଥିବା କୁହାଯାଇଛି।

# ରାସ୍ତାରୁ ଯୁବକଙ୍କୁ ଅପହରଣ

**ସମ୍ବଲପୁର, ୧୮।୭ (ବ୍ୟୁରୋ)**

ସମ୍ବଲପୁର ଜିଲା ଶାସନ ଥାନା ଅଧୀନରେ ଏକ ସପ୍ତାହ ମଧ୍ୟରେ ଶନିବାର ପୁଣି ଏକ ଅପହରଣ ଅଭିଯୋଗ ଆସିଛି। ତେବେ ଅପହରଣର ୧୨ଘଣ୍ଟା ଭିତରେ ପୋଲିସ ଅପହୃତ ଯୁବକ ସଞ୍ଜୟ ଓରାମ(୨୦)ଙ୍କୁ ଉଦ୍ଧାର କରିଛି। ଏହି ଘଟଣାରେ ପୋଲିସ ୪ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ କତରବଗା ଥାନା ଅନ୍ତର୍ଗତ ଠୁରୁପାଲି ଗ୍ରାମର ଚିନ୍ମୟ ରୋହିଦାସ (୧୯), ଇନ୍ଦ୍ରମଣି ରୋହିଦାସ (୧୯), ଉତ୍ତରପ୍ରଦେଶ ପ୍ରତାପଗଡ ଜିଲାର ମହମ୍ମଦ ଇକ୍ରାମ(୧୯), ରେଙ୍ଗାଲି ଥାନା ସମଲେଇପଡାର ସୁଶାନ୍ତ ତନ୍ତି(୨୬)। ଅଭିଯୁକ୍ତମାନଙ୍କ ପାଖରୁ ୫ଟି ମୋବାଇଲ ଜବତ ହୋଇଛି। ଅଭିଯୋଗକ୍ରମେ ଶୁକ୍ରବାର ସନ୍ଧ୍ୟାରେ ଶାସନ ଥାନା ଅଧୀନ ପଣ୍ଡିଆପାଲିର ସଞ୍ଜୟ ବାଇକ (ନଂ.ଓଡି ୧୫ ଏ- ୫୪୯୧)ରେ ଘରକୁ ଫେରୁଥିଲେ। ଗାଁ ନିକଟରେ ଅଭିଯୁକ୍ତମାନେ ତାଙ୍କୁ ଧାରୁଆ ଅସ୍ତ୍ର ଦେଖାଇ ଅପହରଣ କରି ନେଇଥିଲେ। ଅପହରଣ ପରେ ଅଭିଯୁକ୍ତମାନେ ସଞ୍ଜୟଙ୍କ ମୁକ୍ତି ପାଇଁ ତାଙ୍କ ଭଉଣୀ ସୁନୀତା ଓରାମଙ୍କୁ ଫୋନ କରି ୨୫ହଜାର ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ଏହି ଘଟଣାରେ ସୁନୀତା ଶାସନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ସଦର ଏସ୍‌ଡିପିଓ ତପନ ମହାନ୍ତିଙ୍କ ନେତୃତ୍ୱରେ ୪ଟି ଟିମ ଗଠନ କରାଯାଇଥିଲା। ପୋଲିସ ସହରକୁ ସଂଯୋଗ କରୁଥିବା ରାସ୍ତାଗୁଡିକୁ ସିଲ୍ କରି ତନାଘନା ଚଳାଇଥିଲା। ଶେଷରେ ଅଭିଯୁକ୍ତମାନଙ୍କୁ ରେଙ୍ଗାଲି ଅଞ୍ଚଳରୁ ଗିରଫ କରାଯାଇଥିଲା । ଏ ନେଇ ଦଫା ୩୬୪ଏ, ୩୯୪, ୩୪ଆଇପିସିରେ ଏକ ମାମଲା (ନ.୧୨୬/୨୦) ରୁଜୁ ହୋଇଛି। ଘଟଣାର ଅଧିକ ତଦନ୍ତ ଚାଲିଛି ବୋଲି ଏସ୍‌ଡିପିଓ ମହାନ୍ତି କହିଛନ୍ତି।


ସମ୍ବଲପୁର ଶାସନ ଥାନା ପୋଲିସ ଗିରଫ କରିଥିବା ଅଭିଯୁକ୍ତମାନେ ।

- ୨୫ ହଜାର ଟଙ୍କା ଦାବି
- ଅଭିଯୋଗ ପରେ ପୋଲିସ ତନାଘନା
- ୪ ଅଭିଯୁକ୍ତ ଗିରଫ
- ଶାସନ ଥାନାରେ ଦ୍ୱିତୀୟ ଘଟଣା


**OFFICE OF THE REGULATED MARKET COMMITTEE**
**SARGIPALI, SUNDARGARH**
**INVITATION OF BIDS THROUGH E-PROCUREMENT**
**TENDER CALL NOTICE No. 416 of 2020-21 Dated 16.07.2020**
**BID IDENTIFICATION No. 05**

The office of the R.M.C., Sargipali, Sundargarh invites percentage rate bids in double cover system on online mode from eligible contractors for execution of the different works under RMC, Sargipali. The details of which are available at e-Procurement portal **www.tenderorissa.gov.in** from 24.07.2020. The interested tenderers are advised to visit the above website for submission of e-tender.
Tender will be closed at 17.00 hours on 05.08.2020.

Sd./- Collector
Sundargarh-cum-Chairman
R.M.C., Sargipali, Sundargarh

**OFFICE OF THE REGULATED MARKET COMMITTEE**
**SARGIPALI, SUNDARGARH**
**INVITATION OF BIDS THROUGH E-PROCUREMENT**
**TENDER CALL NOTICE No. 412 of 2019-20 Dated 16.07.2020**
**BID IDENTIFICATION No. 04**

The office of the R.M.C., Sargipali, Sundargarh invites percentage rate bids in double cover system on online mode from eligible contractors for execution of the different works under RMC, Sargipali. The details of which are available at e-Procurement portal **www.tenderorissa.gov.in** from 23.07.2020. The interested tenderers are advised to visit the above website for submission of e-tender.
Tender will be closed at 17.00 hours on 04.08.2020.

Sd./- Collector
Sundargarh-cum-Chairman
R.M.C., Sargipali, Sundargarh

**ପୂର୍ବ ତଟ ରେଳପଥ**
**ଭଡ଼ା ସୂତ୍ରରେ ଗାଡ଼ି**
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ST-SBP-TENDER-2020-08-09-10, ତା.13.07.2020ରିଖ

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2020-08
କାର୍ଯ୍ୟର ନାମ: ତିନି ବର୍ଷ ସମୟାବଧି ପାଇଁ ସମ୍ବଲପୁର ମଣ୍ଡଳରେ ସିନିୟର ସେକ୍ସନ ଇଞ୍ଜିନିୟର (ସିଗ୍ନାଲ), ବଲାଙ୍ଗୀରଙ୍କ ପାଇଁ ପିକ୍ ଅପ୍ ଭ୍ୟାନ୍ ଏବଂ ଗୋଟିଏ ମିନି ଟ୍ରକ୍ ଭଡ଼ା ସୂତ୍ରରେ ନେବା ।
ଟେଣ୍ଡର ମୂଲ୍ୟ (ଟଙ୍କାରେ): 11,92,688/-, EMD (ଟଙ୍କାରେ): 23,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 2,360/- ।

(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2020-09
କାର୍ଯ୍ୟର ନାମ: ତିନି ବର୍ଷ ସମୟାବଧି ପାଇଁ ସମ୍ବଲପୁର ମଣ୍ଡଳରେ ସିନିୟର ସେକ୍ସନ ଇଞ୍ଜିନିୟର (ସିଗ୍ନାଲ), ଟିଟିଲାଗଡ଼ଙ୍କ ପାଇଁ ପିକ୍ ଅପ୍ ଭ୍ୟାନ୍ ଏବଂ ଗୋଟିଏ ମିନି ଟ୍ରକ୍ ଭଡ଼ା ସୂତ୍ରରେ ନେବା ।
ଟେଣ୍ଡର ମୂଲ୍ୟ (ଟଙ୍କାରେ): 12,36,728/-, EMD (ଟଙ୍କାରେ): 24,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 2,360/- ।

(3)ଇ-ଟେଣ୍ଡର ବିଜ୍ଞପ୍ତି ସଂ. ST-SBP-TENDER-2020-10
କାର୍ଯ୍ୟର ନାମ: ତିନି ବର୍ଷ ସମୟାବଧି ପାଇଁ ସମ୍ବଲପୁର ମଣ୍ଡଳରେ ସିନିୟର ସେକ୍ସନ ଇଞ୍ଜିନିୟର (ସିଗ୍ନାଲ), କଣ୍ଟାବାଞ୍ଜିଙ୍କ ପାଇଁ ପିକ୍ ଅପ୍ ଭ୍ୟାନ୍ ଏବଂ ଗୋଟିଏ ମିନି ଟ୍ରକ୍ ଭଡ଼ା ସୂତ୍ରରେ ନେବା ।
ଟେଣ୍ଡର ମୂଲ୍ୟ (ଟଙ୍କାରେ): 12,36,728/-, EMD (ଟଙ୍କାରେ): 24,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 2,360/- ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ): ତା.04.08.2020 ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ସହାୟକ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ ସମ୍ବଲପୁର
PR-166/L/20-21

**2020 ବର୍ଷ ପାଇଁ ବଣାଇଁ ବନଖଣ୍ଡ ତରଫରୁ ଚାରା ବଣ୍ଟନ ବିଜ୍ଞପ୍ତି / ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବଣାଇଁ ବନଖଣ୍ଡ ଅଧୀନରେ ନିମ୍ନଲିଖିତ 13 (ତେର) ଗୋଟି ଚାରା ଉତ୍ପାଦନ କେନ୍ଦ୍ରରେ ଉନ୍ନତ ମାନର ଶାଗୁଆନ, ଗମ୍ଭାରୀ, ବିଜା, ଜାମୁ, ଆମ୍ବ, ନିମ୍ବ, କରଞ୍ଜ, ଅର୍ଜୁନ, ପଣସ, ଅଁଳା, ହରିଡ଼ା, ବାହାଡ଼ା ଇତ୍ୟାଦି ଚାରା ଉପଲବ୍ଧ ଅଛି । ଆଗ୍ରହୀ ବ୍ୟକ୍ତି/ଅନୁଷ୍ଠାନଗୁଡିକ ସରକାରୀ ନିର୍ଦ୍ଧାରିତ ମୂଲ୍ୟରେ ଚାରା ବିକ୍ରୟ କେନ୍ଦ୍ରମାନଙ୍କରୁ ଚାରା ନେଇପାରିବେ । ଜଣପିଛା ସହରାଞ୍ଚଳରେ ସର୍ବାଧିକ 5 (ପାଞ୍ଚ) ଗୋଟି ଓ ଗ୍ରାମାଞ୍ଚଳରେ ସର୍ବାଧିକ 10 (ଦଶ) ଗୋଟି ଚାରା ଦିଆଯିବ । ଜଣେ ବ୍ୟକ୍ତିବିଶେଷଙ୍କୁ ବିତରଣ ଖାତାରେ ନାମ ଲେଖାଇବାକୁ ଯେ କୌଣସି ବୈଧ ପରିଚୟ ପତ୍ର (ଆଧାର/ଭୋଟର ପରିଚୟ ପତ୍ର, ଗାଡ଼ି ଚାଳନା ପରିଚୟ ପତ୍ର) କିମ୍ବା ମୋବାଇଲ ନଂ. ଯାଞ୍ଚ ନିମନ୍ତେ ଦେବାକୁ ପଡ଼ିବ । ଏତଦ୍‌ବ୍ୟତୀତ ଅନ୍ୟମାନଙ୍କୁ ଏକ ସାଦା କାଗଜରେ ନିଜର ସମସ୍ତ ବିବରଣୀ ଯଥା ଚାରା ରୋପଣର ସ୍ଥାନ ଏବଂ ଯୋଗାଯୋଗ ପାଇଁ ମୋବାଇଲ ନଂ. ସହିତ ଦରଖାସ୍ତ କରିବାକୁ ପଡିବ । ନିମ୍ନରେ ଉଲ୍ଲେଖ କରାଯାଇଥିବା ଚାରା ବିକ୍ରୟ କେନ୍ଦ୍ର ପରିଚାଳକମାନଙ୍କୁ ଫୋନ୍ ଦ୍ୱାରା ଯୋଗାଯୋଗ କରିପାରିବେ ।

**ବି.ଦ୍ର.:- ସର୍ବସାଧାରଣଙ୍କ ପାଇଁ ଚାରା ପ୍ରତି ଟ1/- ଧାର୍ଯ୍ୟ ହୋଇଛି ।**

| | ଚାରା ବିକ୍ରୟ କେନ୍ଦ୍ରର ନାମ | ଉପଲବ୍ଧ (ପରିମାଣ) | କେନ୍ଦ୍ର ପରିଚାଳକଙ୍କ ନାମ ଓ ଦୂରଭାଷ ନମ୍ବର |
|---|---|---|---|
| 1 | ଧରଣୀଧରପାଲି (ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର) | 125000 | ଗାୟତ୍ରୀବାଳା ପାତ୍ର, ବନପାଳ-8895229883 |
| 2 | ବ୍ରାହ୍ମଣୀ (ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର) | 201625 | ଶ୍ରୀ ସଦାଶିବ ପାତ୍ର, ବନପାଳ-8763433100 |
| 3 | ଟିକାୟତପାଲି (ଅସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର) | 50000 | ଶ୍ରୀ କ୍ଷେତ୍ର ମୋହନ ଭୋଇ, ବନପାଳ-9437861188 |
| 4 | ଗଡ଼ରୁଆଁ (ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର) | 126505 | ଶ୍ରୀ କୈଳାସ ଚନ୍ଦ୍ର କିଷାନ, ବନପାଳ-9178123103 |
| 5 | ତଲେଇସରା (ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର) | 179839 | ଶ୍ରୀ କିଶୋରୀ ପାତ୍ର, ବନପାଳ-9438226173 |
| 6 | ହଳଦୀକୁଦର (ଅସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର) | 50000 | ଶ୍ରୀ ଡେରୁଲାନନ୍ଦ ଗଡନାଏକ, ବନପାଳ-9737862027 |
| 7 | ବନେଇକେଲା (ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର) | 8450 | ଶ୍ରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବନପାଳ-9437414085 |
| 8 | ଧାତ୍‌ପିପୋଷ (ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର) | 439750 | ଶ୍ରୀ ପ୍ରଦୀପ କୁମାର ଭୋଇ, ବନପାଳ-8280938755 |
| 9 | ବାଦିବାହାଲ (ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର) | 25392 | ଶ୍ରୀ ମାନସ ରଂଜନ ସାହୁ, ବନରକ୍ଷୀ-9556394497 |
| 10 | ଠାକୁରପାଲି (ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର) | 10000 | ଶ୍ରୀ ଭୁବନେଶ୍ୱର ରାୟ, ବନପାଳ-9556165001 |
| 11 | ବରସୁଁଆ (ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର) | 20000 | ଶ୍ରୀ ଚୈତନ୍ୟ ଭୂମିଜ, ବନପାଳ-9437633490 |
| 12 | ଚୋରଧରା (ଅସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର) | 13000 | ଶ୍ରୀ ନାରାୟଣ ଚନ୍ଦ୍ର ବେହେରା, ବନପାଳ-9437757937 |
| 13 | ରାଇକେଲା (ଅସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର) | 27000 | ଶ୍ରୀ ଚୈତନ୍ୟ ଭୂମିଜ, ବନପାଳ-9437633490 |
| 14 | ତେହେରାଇ (ସ୍ଥାୟୀ ଚାରା ଉତ୍ପାଦନ କେନ୍ଦ୍ର) | 55000 | ଶ୍ରୀ ତଫାନ କୁମାର ତ୍ରିପାଠୀ, ବନପାଳ-9438869217 |
| | ସମୁଦାୟ | 1331561 | |

ଦୟାକରି ଚାରା ପାଇଁ ବଣାଇଁ ବନଖଣ୍ଡର କଣ୍ଟ୍ରୋଲ ରୁମ୍ ନମ୍ବରରେ ଯୋଗାଯୋଗ କରନ୍ତୁ ।
**Control Room No.-7656849424 & 8260949613**

ସ୍ୱା./- ବନଖଣ୍ଡ ଅଧିକାରୀ
ବଣାଇଁ ବନଖଣ୍ଡ, ବଣାଇଁଗଡ଼

**ଏମ୍‌ସିଏଲ୍‌ର ନୂତନ ପ୍ରକଳ୍ପ 'ମନ୍ତ୍ର'**

ମହାନଦୀ କୋଇଲା କମ୍ପାନୀ (ଏମସିଏଲ)ର ନୂତନ ପ୍ରକଳ୍ପ 'ମନ୍ତ୍ର' ଦ୍ୱାରା ଆଦିବାସୀମାନଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ହେବ। ଏହି ପକଳ୍ପରେ ହୋଇଥିବା ପରିକଳ୍ପନା ଅନୁଯାୟୀ ସୁନ୍ଦରଗଡର ୩ଟି ଓ ଝାରସୁଗୁଡାର ୨ଟି ଛୋଟ ଗ୍ରାମର ୧ହଜାର ୬୭୦ଜଣ ଜନସାଧାରଣ ଉପକୃତ ହୋଇପାରିବେ। ସେହିପରି ୩୭୫ଟି ଘରକୁ ଶୌଚାଳୟ, ଗାଧୁଆଘର ଓ ଜଳ ଯୋଗାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିସହ ନଳକୂଅ, ଗଭୀର ନଳକୂଅ, ପାଣି ଟାଙ୍କି, ପମ୍ପ ହାଉସ, ପାଇପ ଲାଇନ, ବିଦ୍ୟୁତୀକରଣ ପ୍ରଭୃତି କାର୍ଯ୍ୟ ଅନ୍ତର୍ଭୁକ୍ତ ରହିଛି ବୋଲି ଏମସିଏଲ ମୁଖ୍ୟାଳୟ ଜନସମ୍ପର୍କ ବିଭାଗ ପକ୍ଷରୁ ସୂଚିତ କରାଯାଇଛି।

## ସଂକ୍ଷେପରେ

### କଳାହାଣ୍ଡିରେ ପଜିଟିଭ୍ ସଂଖ୍ୟା ୮୬ ହେଲା

**ଭବାନୀପାଟଣା,୧୮।୭(ଡି.ଏନ୍.ଏ.):** କଳାହାଣ୍ଡି ଜିଲାରେ ଗତ ୧୭ ତାରିଖରେ ଆଉ ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଂକ୍ରମିତ ବ୍ୟକ୍ତି ଜଣକ ଧର୍ମଗଡ଼ ବ୍ଲକର ଜଣେ ପୁରୁଷ। ତାଙ୍କ ସ୍ୱାବ୍ ନମୁନା ୧୦ ତାରିଖରେ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଥିଲା। ତାଙ୍କର ସମ୍ପର୍କୀୟ ହଟ୍‌ସ୍ପଟ୍ ଜିଲାରୁ ଆସିଥିବାରୁ ସନ୍ଦେହରେ ଏହି ବ୍ୟକ୍ତିଙ୍କ ସ୍ୱାବ୍ ପରୀକ୍ଷା କରାଯାଇଥିଲା। ହେଲେ ରିପୋର୍ଟ ଏଯାଏ ଆସିନାହିଁ। ତେବେ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯିବାରୁ ଭବାନୀପାଟଣାରେ ତାଙ୍କର ଆଣ୍ଟିଜେନ୍ କିଟ୍‌ରେ ପରୀକ୍ଷା କରିବାରୁ ରିପୋର୍ଟ ପଜିଟିଭ୍ ଆସିଥିଲା। ତାଙ୍କୁ ତୁରନ୍ତ କଳାହାଣ୍ଡି କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସଂକ୍ରମିତ କଣ୍ଟାକ୍ଟ ଟ୍ରେସିଂ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପଜିଟିଭ୍ ସହ ଜିଲାରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୮୬ ରେ ପହଞ୍ଚିଛି।

### ୧୧ କରୋନା ଯୋଦ୍ଧାଙ୍କ ସମେତ ୨୦ ଚିହ୍ନଟ

**ସମ୍ବଲପୁର, ୧୮।୭ (ବ୍ୟୁରୋ):** ସମ୍ବଲପୁର ଜିଲାରେ ଶନିବାର ୧୧କରୋନା ଯୋଦ୍ଧାଙ୍କ ସହ ୨୦ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜିଲା ସଦର ମେଡିକାଲର ଜଣେ, କୁଚିଣ୍ଡା ଉପଖଣ୍ଡ ଡାକ୍ତରଖାନାର ୨ଜଣ, ରେଢ଼ାଖୋଲ ଉପଖଣ୍ଡ ଡାକ୍ତରଖାନାର ଜଣେ ଓ ଭୀମସାରେ କାର୍ଯ୍ୟରତ ୭ଜଣ ମହିଳା କରୋନା ଯୋଦ୍ଧା ସଂକ୍ରମିତ ହୋଇଛନ୍ତି। ଏହାକୁ ମିଶାଇ ଆକ୍ରାନ୍ତଙ୍କ ସଂଖ୍ୟା ୧୫୬ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରୁ ୧୦୮ ଜଣ ସୁସ୍ଥ ହୋଇଥିବା ବେଳେ ୪୮ ଜଣ ଚିକିତ୍ସାଧୀନ ରହିଛନ୍ତି।

### ଦେବଗଡ଼ ପୌରପାଳିକା କର୍ମଚାରୀଙ୍କ ସ୍ୱାବ୍ ସଂଗ୍ରହ

**ଦେବଗଡ,୧୮।୭(ଡି.ଏନ୍.ଏ.):** ଦେବଗଡ ଜିଲାରୁ ପୁଣି ୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ସେଥିରେ ଦେବଗଡ ପୌରପାଳିକାର ଜଣେ କର୍ମଚାରୀ ଚିହ୍ନଟ ହୋଇଛନ୍ତି, ଯିଏକି ଗଞ୍ଜାମ ଫେରନ୍ତା। ଏହା ଜଣାପଡିବା ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୌରପାଳିକାର ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଦିବ୍ୟଶଙ୍କର ଜୟପୁରିଆଙ୍କ ସମେତ ସମସ୍ତ କର୍ମଚାରୀଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇଛି। ତେବେ ଏହାକୁ ନେଇ ପୌରକର୍ମଚାରୀ ଭୟଭୀତ ହୋଇ ପଡିଛନ୍ତି। ସରକାରୀ କାର୍ଯ୍ୟ ମଧ୍ୟ ପ୍ରଭାବିତ ହୋଇଛି। ଅନ୍ୟପକ୍ଷେ ପୌରପାଳିକାର ଏହି କର୍ମଚାରୀଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟମାନଙ୍କ କଣ୍ଟାକ୍ଟ ଟ୍ରେସିଂ ଆରମ୍ଭ ହୋଇଛି।

### ଦେବଗଡ଼ରେ ୩ ପଜିଟିଭ ଚିହ୍ନଟ

**ଦେବଗଡ,୧୮।୭(ଡି.ଏନ୍.ଏ.):** ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଛି। ଶନିବାର ରାଜ୍ୟରେ ୫୯୧ଟି ନୂଆ କୋଭିଡ୍-୧୯ ମାମଲା ସାମ୍ନାକୁ ଆସିଛି। ଏଥି ମଧ୍ୟରୁ ଦେବଗଡ ଜିଲାର ୩ ଜଣ ଥିବା ଜଣାପଡିଛି। ଏହି ସଂଖ୍ୟାସହ ଦେବଗଡ ଜିଲାରେ ମୋଟ କରୋନା ପଜିଟିଭ ସଂଖ୍ୟା ୬୯ରେ ପହଞ୍ଚିଛି। ଅବଶ୍ୟ ଏଥିରୁ ୬୨ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଲେଣି। ଆଉ ୭ ଜଣ (ଆଜି ଚିହ୍ନଟ ହୋଇଥିବା ୩ ଜଣଙ୍କୁ ମିଶାଇ) ଚିକିତ୍ସାଧୀନ ରହିଛନ୍ତି। ସୂଚନାଯୋଗ୍ୟ, ଚିହ୍ନଟ ହୋଇଥିବା ଏହି ୩ କରୋନା ପଜିଟିଭଙ୍କ ମଧ୍ୟରୁ ଜଣେ ତାମିଲନାଡୁ ଫେରନ୍ତା। ସେ ଦେବଗଡ ମହିଳା ମହାବିଦ୍ୟାଳୟ ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ଜଣେ ଦେବଗଡ ପୌରପାଳିକା କର୍ମଚାରୀ। ଅନ୍ୟଜଣେ ଜିଲା ମୁଖ୍ୟ ଚିକିତ୍ସାଳୟ ସହାୟତା କେନ୍ଦ୍ର (ହେଲ୍ପ ଡେସ୍କ)ରେ କାର୍ଯ୍ୟରତ କର୍ମଚାରୀ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

### ୮ ଫୁଟ୍‌ର ଲମ୍ବ ଅଜଗର ଉଦ୍ଧାର

**ଲହୁଣୀପଡା, ୧୮।୭ (ଡି.ଏନ୍.ଏ):** ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ୍ ଠିଆବେର୍ଣ୍ଣାରୁ ବନ କର୍ମଚାରୀ ଏକ ୮ ଫୁଟ ଲମ୍ବର ଅଜଗର ସାପ ଉଦ୍ଧାର କରଛନ୍ତି। ଅକ୍ଷୟ ମାହାନ୍ତଙ୍କ ଘରର ବାଡି ପଛ ପଟରେ ଏକ ଜାଲରେ ସାପଟି ଛନ୍ଦି ହୋଇ ରହିଥିଲା। ଶନିବାର ସକାଳେ ଏହା ଦେଖି ଲୋକେ ରାଜମୁଣ୍ଡା ଫରେଷ୍ଟରଙ୍କୁ ଖବର ଦେଇଥିଲେ। ବନ କର୍ମଚାରୀ ପହଞ୍ଚି ଜାଲରୁ ଅଜଗରକୁ ଉଦ୍ଧାର କରିଥିଲେ। ପରେ ସାପକୁ ନିକଟସ୍ଥ ଜଙ୍ଗଲରେ ଛାଡି ଦିଆଯାଇଛି।କକକକକକକକପ

# ୩୯ ବର୍ଷ ପରେ ବି ଅଧାଗଢ଼ା

**କେସିଙ୍ଗା,୧୮।୭(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ସହରରେ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡିଥିବା କୋଣାର୍କ ସ୍ପିନିଂ ମିଲ୍‌କୁ କାର୍ଯ୍ୟକ୍ଷମ କରାଯାଉନାହିଁ। ୩୯ବର୍ଷ ପରେ ବି ସେହି ମିଲ୍ ସେମିତି ପଡି ରହିଛି। ଏଥିଯୋଗୁ ଜିଲାର କପାଚାଷୀମାନେ ଅଭାବୀ ବିକ୍ରିର ଶିକାର ହେଉଥିବା ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, କଳାହାଣ୍ଡି ଜିଲାରେ ପ୍ରତିବର୍ଷ ୬ଲକ୍ଷ କୁଇଣ୍ଟାଲ କପା ଅମଳ ହୁଏ। ହେଲେ ସେହି କପାକୁ ବିକ୍ରି ପାଇଁ ବଜାର ସୁବିଧା ନାହିଁ। କେବଳ କପାକୁ ଗାଣ୍ଠି (ବଣ୍ଡଲ) କରାଯାଇ ତାମିଲନାଡୁକୁ ଟ୍ରକ ଯୋଗେ ପଠାଯାଇଥାଏ। ସରକାର କପା କୁଇଣ୍ଟାଲ ପ୍ରତି ଦର ୫ ହଜାର ୫ଶହ ଟଙ୍କା ଧାର୍ଯ୍ୟ କରିଛନ୍ତି। ହେଲେ ବିଭିନ୍ନ କମ୍ପାନୀ ଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୧୫ ଶହ ଟଙ୍କା ଭଡା ବାବଦକୁ କାଟିଥାନ୍ତି। କପା ମଞ୍ଜି ବିକ୍ରିକରିବା ପାଇଁ କଳାହାଣ୍ଡିରେ କୌଣସି ସୁବିଧା ନାହିଁ। ଫଳରେ କପା ମଞ୍ଜିକୁ ମହାରାଷ୍ଟ୍ରକୁ ବିକ୍ରି ପାଇଁ ପଠାଯାଇଥାଏ।



ଭଗ୍ନ ଅବସ୍ଥାରେ କୋଣାର୍କ ସ୍ପିନିଂ ମିଲ୍।

ଏପରି ପରିସ୍ଥିତିରେ ସରକାର ଏହି ସ୍ପିନିଂ ମିଲ୍‌କୁ କାର୍ଯ୍ୟକ୍ଷମ କରିବାକୁ କୌଣସି ପଦକ୍ଷେପ ନେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

୧୯୮୧ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଏହି ମିଲ୍ ଶିଳାନ୍ୟାସ ହୋଇଥିଲା। ୧୯୮୫-୮୬ରେ ମିଲ୍ ନିର୍ମାଣ ପାଇଁ ୪୧ ଜଣ ଚାଷୀଙ୍କ ଠାରୁ ୫୦ ଏକର ଜମି ଅଧିଗ୍ରହଣ କରାଯାଇଥିଲା। ଏବେ ୩୨ ଏକର ସରକାରୀ ଜମି ମିଶାଇ ମିଲ୍ ଅଧୀନରେ ୮୨ ଏକର ଜମି ରହିଛି। ୧୯୮୮-୮୯ରେ ଏଥିପାଇଁ ୧୫ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ୧୯୯୩ ଜୁଲାଇ ୨୪ ସୁଦ୍ଧା ୯୦ ଭାଗ ବିଲଡିଂ କାମ ସଂପୂର୍ଣ୍ଣ ହୋଇଥିଲା। କିନ୍ତୁ ସ୍ପିନିଂ ମିଲ ପାଇଁ କୌଣସି ଯନ୍ତ୍ରାଂଶ ସ୍ଥାପନ ଆଜି ଯାଏ ହୋଇନାହିଁ। ଫଳରେ ନିର୍ମାଣ ହୋଇଥିବା ଅଧିକାଂଶ ବିଲଡିଂ ଅବହେଳିତ ଭାବେ ପଡି ରହିଛି। ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ସେହି କୋଠାରୁ ଅଧିକାଂଶ ଭାଙ୍ଗିବାକୁ ବସିଛି।

୧୯୯୩-୯୪ ଆର୍ଥିକ ବର୍ଷରେ ୨ କୋଟି ୮୦ ଲକ୍ଷ ବ୍ୟୟ ଅଟକଳରେ ସେଠାରେ ଏକ ଜିନିଂ ମିଲ ସ୍ଥାପନ ପରେ ଅମଳ ଋତୁରେ ବର୍ଷକୁ ୩ ମାସ ସେଠାରେ କପା ଜିନିଂ କରାଯାଇଥାଏ। ଏଥିରେ ୨୩ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ହେଲେ ସେହି କର୍ମଚାରୀଙ୍କୁ ମାସିକ ଦରମା ଠିକ ଭାବେ ମିଳୁନାହିଁ। ବର୍ଷର ୩ ମାସ ୨ରୁ ୩ଶହ ଶ୍ରମିକ ସେଠାରେ ନିୟୋଜିତ ହୋଇଥାନ୍ତି। ସମଗ୍ର କଳାହାଣ୍ଡି ଜିଲାର ୧୩ଟି ବ୍ଲକରେ ୬୦ ହଜାର ହେକ୍ଟର ଜମିରେ ୬ଲକ୍ଷ କୁଇଣ୍ଟାଲ କପା ଅମଳ ହୋଇଥାଏ। ସେଥିରୁ ୧ ଲକ୍ଷ ୨୦ ହଜାର ଗାଣ୍ଠି କପା ପ୍ରସ୍ତୁତ କରାଯାଇଥାଏ। ଯାହାର ଆନୁମାନିକ ମୂଲ୍ୟ ୩ ହଜାର କୋଟି ଟଙ୍କା। ଏହି ଜିଲାରେ ଉତ୍ପାଦନ ହେଉଥିବା କପାରେ ୩ଟି ସ୍ପିନିଂ ମିଲ ଚାଲିପାରିବ। ଏହା ପରେ ବି ରାଜ୍ୟ ସରକାର ଉକ୍ତ ମିଲ୍ କାର୍ଯ୍ୟକ୍ଷମ କରିବା ପାଇଁ ଦୃଷ୍ଟି ଦେଉ ନ ଥିବା କପା ଚାଷୀମାନେ କହିଛନ୍ତି।

- କେସିଙ୍ଗା ସ୍ପିନିଂ ମିଲ୍ କାର୍ଯ୍ୟକ୍ଷମ ହେଲାନି
- ଭିତ୍ତିଭୂମି ଅଛି, କାର୍ଯ୍ୟାନୁଷ୍ଠାନ ନାହିଁ
- ପ୍ରତିବର୍ଷ ଅମଳ ହେଉଛି ୬ଲକ୍ଷ କୁଇଣ୍ଟାଲ କପା
- ଅଭାବୀ ବିକ୍ରିର ଶିକାର କପା ଚାଷୀ

ସ୍ପିନିଂ ମିଲ୍ ପାଇଁ ଜମି,ଜଳ ଓ ବିଦ୍ୟୁତ୍ ବ୍ୟବସ୍ଥା ରହିଛି। ଗମନାଗମନ ପାଇଁ ଉଡାଜାହାଜ ପଡିଆ, ଟ୍ରେନ, ବସ, ଟ୍ରକ ଆଦିର ସୁବିଧା ରହିଛି। ତଥାପି ମିଲ୍ କାର୍ଯ୍ୟକ୍ଷମ ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ଉପରେ ଗୁରୁତ୍ୱାରୋପ କରାଯାଉନାହିଁ। ଏ ସଂକ୍ରାନ୍ତରେ କେସିଙ୍ଗାବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ, ବିଭାଗୀୟ ମନ୍ତ୍ରୀ, ରାଜ୍ୟସଭା ସଦସ୍ୟ ସୁଜିତ ସିଂ ସେଠଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏନେଇ ସ୍ପିନିଂ ମିଲର ଏମ୍‌ଡି ଦାଶରଥି ଅଧିକାରୀଙ୍କୁ ପଚାରିବାରୁ ମୁଁ ରାଜ୍ୟ ସରକାରଙ୍କୁ ବହୁବାର ଏ ସଂକ୍ରାନ୍ତରେ ଲିଖିତ ଭାବେ ଜଣାଇଛି। କିନ୍ତୁ ଆଜିଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ ବୋଲି ସେ ପ୍ରକାଶ କରିଛନ୍ତି।

# ଅବୁଝାଙ୍କୁ ବୁଝାଇଲା ପୋଲିସ

### ଶଟ୍‌ଡାଉନରେ ସମ୍ବଲପୁର ଜିଲା

**ସମ୍ବଲପୁର,୧୮।୭ (ବ୍ୟୁରୋ)**

କରୋନା ସଂକ୍ରମଣ ସମ୍ବଲପୁର ଜିଲାରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସଂକ୍ରମଣକୁ ପ୍ରତିହତ କରିବା ନେଇ ଜିଲାପାଳ ଶୁଭମ୍ ସକସେନା ସାରା ଜିଲାକୁ ଶନିବାର ଓ ରବିବାର ଦୁଇଦିନ ସଟ୍ ଡାଉନ ଘୋଷଣା କରିଛନ୍ତି। ଶନିବାର ସମ୍ବଲପୁର ସହରରେ ସମସ୍ତ ଦୋକାନ ବଜାର ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ଔଷଧ ଦୋକାନ କିନ୍ତୁ ଖୋଲା ରହିଥିଲା। ରାସ୍ତାଘାଟ ଶୂନଶାନ ହୋଇପଡିଥିଲା। ଲକ୍ଷ୍ମୀଟକିଜ, ଜିଲାସ୍କୁଲ, ଜେଲଛକ, ଧନୁପାଲି, କଚେରୀ ଛକ, ମୁଦିପଡା, ଗଙ୍ଗାଧର ମେହେର କଲେଜ ଛକ ଓ ଅଇଁଠାପାଲି ଛକ ସମେତ ସହରର ମୁଖ୍ୟ ଛକ ଗୁଡିକରେ ପୋଲିସ ମୁତୟନ ହୋଇଛନ୍ତି। ରାସ୍ତାରେ ଜରୁରି କାମରେ ଯାଉଥିବା ଲୋକଙ୍କୁ ପୋଲିସ ଅଟକାଇ ପଚରାଉଚୁରା କରିଥିଲା। ଅବୁଝା ଲୋକମାନଙ୍କୁ କରୋନା ସଂକ୍ରମଣ ବିଷୟରେ ବୁଝାଇଥିଲା। ଏସ୍‌ପି ଡା. କନୱର ବିଶାଳ ସିଂ ସହରର ବିଭିନ୍ନ ଛକ ବୁଲି ପରିସ୍ଥିତି ଅନୁଧ୍ୟାନ କରିଥିଲେ। ସେହିପରି ବୁର୍ଲା ଗୋପବନ୍ଧୁ ଛକ, ଗାନ୍ଧୀପଡା, ଫାଣ୍ଡି ଛକ, ତେଲେଗୁପଡା, ବୋର୍ଡ କଲୋନୀ, ଗୁଜୁରାଟି କଲୋନୀ, ଭକ୍ତି ମଣ୍ଡପ, ଗୁରୁଦ୍ୱାରା କଲୋନୀ ଅଞ୍ଚଳରେ କଡା ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା କରାଯାଇଛି।



ସମ୍ବଲପୁରରେ ଶନିବାର ଜଣେ ବାଇକ୍ ଚାଳକଙ୍କୁ ପୋଲିସ ପଚରାଉଚରା କରୁଛି।

### ବାଇକ୍ ଦୁର୍ଘଟଣାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

**ନୂଆପଡା ଅଫିସ,୧୮।୭**

ନୂଆପଡା ଜିଲା କୋମନା ଥାନା ଅନ୍ତର୍ଗତ ଜଡାମୁଣ୍ଡା ନିକଟ ଜାତୀୟ ରାଜପଥ ନଂ-୩୫୩ରେ ଛିଡା ହୋଇଥିବା ଟ୍ରକ୍ (ନଂ.ଆରଜେଜିବି/୧୦୬୯) ପଛରେ ବାଇକ୍ ପିଟି ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସ୍ଥାନୀୟ ଭେଲା ଭରତପଡାର ଚୁଡାମଣି ମାଝୀ(୨୮)। ଏହି ଦୁର୍ଘଟଣାରେ ମୃତକଙ୍କ ସ୍ତ୍ରୀ ପ୍ରେମଶୀଳା ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ନୂଆପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଚୁଡାମଣି ଓ ପ୍ରେମଶିଳା ଏକ ବାଇକ୍ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ସେଠାରୁ ଫେରିବା ବାଟରେ ହଠାତ ଭାରସାମ୍ୟ ହରାଇ ଟ୍ରକ ପଛରେ ପିଟିହୋଇଥିଲେ। ଫଳରେ ଘଟଣାସ୍ଥଳରେ ଚୁଡାମଣିଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏକ ଘଟଣାରେ ଏକ ମାମଲା ରୁଜୁ ହୋଇଛି।

# ସହଯୋଗନଗର କଣ୍ଟେନମେଣ୍ଟ ଜୋନ୍ ଘୋଷଣା

**ସମ୍ବଲପୁର,୧୮।୭(ବ୍ୟୁରୋ)**

ସମ୍ବଲପୁର ସହଯୋଗନଗର ଓ ନ୍ୟୁ-କଲୋନୀ, ବୁଢ଼ାରଜାକୁ କଣ୍ଟେନମେଣ୍ଟ ଜୋନ ଭାବେ ଶନିବାର ସକାଳ ୭ଟାରେ ଘୋଷଣା କରାଯାଇଛି। ଜଗନ୍ନାଥ କଲୋନୀ, ସହଯୋଗନଗର କିଛି ଅଂଶ, ନେତ୍ରାନନ୍ଦ କଲ୍ୟାଣ ମଣ୍ଡପ ଓ ବୁଢ଼ାରଜାର କିଛି ଅଞ୍ଚଳ ବଫର୍ ଜୋନ ଭାବେ ଘୋଷିତ ହୋଇଛି । ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ପର୍ଯ୍ୟନ୍ତ ଏହି ଧାରା ବଳବତ୍ତ ରହିବ ବୋଲି ଜିଲା ପ୍ରଶାସନ ସୂଚନା ଦେଇଛି। ଏହି ଅଞ୍ଚଳକୁ ସମ୍ପୂର୍ଣ୍ଣ ଭାବେ ବ୍ୟାରିକେଟ କରାଯାଇଛି । ସୂଚନାଯୋଗ୍ୟ, ପୂର୍ବରୁ ସମ୍ବଲପୁର ସହର ୨୪ ଓ ୨୫ ନମ୍ବର ୱାର୍ଡରେ ସମଲେଶ୍ୱରୀ କଲୋନୀ ଓ ପଟ୍ଟନାୟକପଡା, ଠେଲକୋପଡା, ୨୩ ନମ୍ବର ୱାର୍ଡର ୱେଷ୍ଟୋ ଅଫିସକୁ ବଫର୍ ଜୋନ ଘୋଷଣା କରାଯାଇଛି। ସେହିଭଳି ୩୧ ନମ୍ବର ୱାର୍ଡ ଅଧୀନ କୁମ୍ଭାରପଡା, କାଳୀବାଡି ସମେତ ୨୫ ନମ୍ବର ୱାର୍ଡ ଅମ୍ବେଦକର ନଗରଠାରୁ ରାମସାଗର ବନ୍ଧ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି ।

# ଜାଲ୍ ରାଶନ କାର୍ଡ ଦୁର୍ନୀତିର ତଦନ୍ତ ଦାବି



କଂଗ୍ରେସ ନେତୃବୃନ୍ଦ ଜିଲାପାଳଙ୍କ ସହିତ ଆଲୋଚନା କରୁଛନ୍ତି।

**ସୁନ୍ଦରଗଡ, ୧୮।୭ (ଡି.ଏନ୍.ଏ)**

ରାଉରକେଲା ସହରରେ ପ୍ରାୟ ୧୦ ହଜାରରୁ ଅଧିକ ଗରିବ ଶ୍ରେଣୀର ପରିବାର ରାଶନ କାର୍ଡ ପାଇବା ପାଇଁ ଆବେଦନ କରିଛନ୍ତି। ଅପରପକ୍ଷରେ ରାଉରକେଲା ସହକାରୀ ଯୋଗାଣ ଅଧିକାରୀଙ୍କ ଦ୍ୱାରା ପ୍ରାୟ ୩ ହଜାର ୬୦୦ରୁ ଅଧିକ ଜାଲ୍ ରାଶନ କାର୍ଡ ପ୍ରସ୍ତୁତ କରାଯାଇ ମାସକୁ ୨୦ରୁ ୨୫ ଲକ୍ଷ ଟଙ୍କାର ଖାଉଟି ସାମଗ୍ରୀ ହଡପ କରାଯାଉଛି। ହଡପ ଖାଉଟି ସାମଗ୍ରୀରୁ ବିପୁଳ ଅର୍ଥ ପାଉଥିବା ସହକାରୀ ଯୋଗାଣ ଅଧିକାରୀ ଉପରିସ୍ଥ ଅଧିକାରୀ ଓ କ୍ଷମତାସୀନ ନେତାଙ୍କୁ ସନ୍ତୁଷ୍ଟ କରି ଦୀର୍ଘ ୭ ବର୍ଷ ହେବ ଏହି ପଦବୀ ମାଡି ବସିଛନ୍ତି। ତେଣୁ ଏହି ଜାଲ୍ ରାଶନ କାର୍ଡ ଦୁର୍ନୀତିର ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ କରାଇ ସାଧାରଣ ଗରିବ ଲୋକଙ୍କୁ ସେମାନଙ୍କ ହକ୍ ଦେବା ପାଇଁ କଂଗ୍ରେସ ତରଫରୁ ଜିଲାପାଳଙ୍କ ନିକଟରେ ଦାବି କରାଯାଇଛି। ସୁନ୍ଦରଗଡ ସଂସଦୀୟ କ୍ଷେତ୍ରର କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଜିଲା କଂଗ୍ରେସର ପୂର୍ବତନ ସଭାପତି ବିରେନ ସେନାପତି, ବେଣୁ ମାଧବ ତ୍ରିପାଠୀ, ପ୍ରଦେଶ କଂଗ୍ରେସର ପୂର୍ବତନ ସଚିବ ପ୍ରଫୁଲ୍ଲ ସୁନ୍ନାନୀ, ଆଇନଜୀବୀ ଆଲବର୍ଟ କିଣ୍ଡୋ ଓ ଯୁବନେତା ରଞ୍ଜନ ଓଝା ପ୍ରମୁଖ ଜିଲାପାଳଙ୍କୁ ସୁନ୍ଦରଗଡ ଠାରେ ସାକ୍ଷାତ କରି ଏହି ଜାଲ୍ ରାଶନ କାର୍ଡ ଦୁର୍ନୀତି ସମ୍ପର୍କରେ ଅବଗତ କରାଇଥିଲେ। ଜିଲାପାଳ ଉକ୍ତ ପ୍ରସଙ୍ଗକୁ ଗମ୍ଭୀରତାର ସହ ଗ୍ରହଣ କରି ତୁରନ୍ତ ଏହାର ତଦନ୍ତ ପାଇଁ ପଦକ୍ଷେପ ଗ୍ରହଣ କରିବେ ବୋଲି ଏହି ପ୍ରତିନିଧି ମଣ୍ଡଳୀଙ୍କୁ କହିଥିଲେ।

# ସୁଦପଡ଼ା, ତାଲପାଲିପଡ଼ାରେ କଣ୍ଟେନ୍‌ମେଣ୍ଟ ଜୋନ୍

**ବଲାଙ୍ଗୀର ଅଫିସ, ୧୮।୭**

- ଗୋଟିଏ ଦିନରେ ୯ କରୋନା ସଂକ୍ରମିତ ଚିହ୍ନଟ
- ହାତୀଶାଳପଡାରୁ କଣ୍ଟେନ୍‌ମେଣ୍ଟ ହଟିଲା

ବଲାଙ୍ଗୀର ସହର ତାଲପାଲିପଡା ଓ ସୁଦପଡାରେ ନୂଆ କରୋନା ସଂକ୍ରମିତ ଚିହ୍ନଟ ପରେ ଜିଲା ପ୍ରଶାସନ ଉଭୟ ପଡାର କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ କଣ୍ଟେନ୍‌ମେଣ୍ଟ ଜୋନ୍ କରାଯାଇଛି। ତାଲପାଲିପଡାର ସତ୍ୟ ସାଏଙ୍କ ଘର, ଜୟକୃଷ୍ଣ ସାଏଙ୍କ ଘର ସମ୍ମୁଖ, ସୁଦପଡାର ରାମ ବାବୁଙ୍କ ଘର ବିହାରୀ ଗଳି ଓ ରାଧାରମଣ ଯାଦବଙ୍କ ଘର ନିକଟ ରେଳଟ୍ରାକ୍ ସିଲିଂ ପଏଣ୍ଟ କରାଯାଇଛି। ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୨୮୨କୁ ବୃଦ୍ଧି ପାଇଛି। ଏଥିରୁ ୩୬ ଜଣ ସକ୍ରିୟ ରହିଥିବାବେଳେ ୨୪୬ ଜଣ ସୁସ୍ଥ ହୋଇସାରିଥିବା ରିପୋର୍ଟ ଦିଆଯାଇଛି। ଶୁକ୍ରବାର ଜିଲାରେ ନୂଆ ୯ଟି ମାମଲା ଚିହ୍ନଟ ହୋଇଛି। ସେଥିରୁ ୬ ଜଣ ବଲାଙ୍ଗୀର ମ୍ୟୁନିସିପାଲିଟି ଅଞ୍ଚଳର ସ୍ଥାନୀୟ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗୀର ସୁଦପଡାର ଦୁଇଜଣ, ରାମେଶ୍ୱରନଗରର ଜଣେ, ତାଲପାଲିପଡାର ଦୁଇଜଣ ଓ ବରପାଲିପଡାର ଜଣେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସଂକ୍ରମିତଙ୍କ ମଧ୍ୟରେ ଜଣେ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ରହିଥିବା ଜଣାପଡିଛି। ଏହି କଣ୍ଟେନ୍‌ମେଣ୍ଟ ଜୋନ୍‌ରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ କଣ୍ଟାକ୍ଟ ଟ୍ରେସିଂ ଓ ସର୍ଭେ କାମ ଆରମ୍ଭ କରିଛି। ସଇଁତଲା ବ୍ଲକ୍ ଟିକ୍ରାପଡାର ତାମିଲନାଡୁ ଫେରନ୍ତା ଜଣେ ମହିଳା ଓ ଟିଟିଲାଗଡ ବ୍ଲକ୍ ଡିଆଟନ୍ ଗ୍ରାମର ଜଣେ ଯୁବକ ଚିହ୍ନଟ ହୋଇଛନ୍ତି। ବେଲପଡା ବ୍ଲକ ବୈଜଲ ସାଗର ଗ୍ରାମର ଜଣେ ଯୁବକ ଯିଏକି ଭୁବନେଶ୍ୱର ଏମ୍‌ସରେ ଭର୍ତ୍ତି ହୋଇଛନ୍ତି ସେ ବି କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗତ ୨୯ ତାରିଖ ଠାରୁ ସହରର ହାତୀଶାଳପଡାର ଲକ୍ଷ୍ମୀଜୋର ଖଣ୍ଡିକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଓ ଅନ୍ୟ ଅଞ୍ଚଳକୁ ବଫର ଜୋନ୍ କରାଯାଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜରିଆରେ ଏହି କଣ୍ଟେମେଣ୍ଟ ଜୋନ୍‌କୁ ଶୁକ୍ରବାର ମଧ୍ୟରାତ୍ରରୁ ଉଠାଇ ଦିଆଯାଇଛି। ଏହି ଅଞ୍ଚଳରୁ ୬୦ରୁ ଊର୍ଦ୍ଧ୍ୱ ସ୍ଥାନୀୟ ସଂକ୍ରମିତ ଚିହ୍ନଟ ହୋଇଥିଲେ।



ସୁଦପଡାରେ ଶନିବାର ଠାରେ ଆରମ୍ଭ ହୋଇଥିବା କଣ୍ଟେନମେଣ୍ଟ ଜୋନ୍‌ରେ ସ୍ୱାସ୍ଥ୍ୟ ଟିମ୍ ସର୍ଭେ ପାଇଁ ଯାଉଛନ୍ତି।

CLASSIFIED DISPLAY

MORE SPACE • SAME PRICE

TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
HINDUSTHAN TOWER
ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
ନିଜ ଖାଲି ଜମି, ଛାତ, ଖେତ ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ମଲ୍ଟିମିଡିଆ ଡିଜିଟାଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବୋଲେରୋ
(କାମ ଆମର, ବିଶ୍ୱାସ ଆପଣଙ୍କର)
94517-83485
94535-88342

କାମ ନ ହେଲେ ପୂରା ଟଙ୍କା ଫେରସ୍ତ
ସମସ୍ୟା ଅଛି ତ ସମାଧାନ ମଧ୍ୟ ଅଛି
ଯେମିତି ଚାହିଁବେ ସେମିତି ହିଁ ହେବ - My Promise
ମିଆଁ ସୁଫି ଜୀ
7248297104
ଯେକୌଣସି କାମର 3 ଘଣ୍ଟାରେ 100% ସମାଧାନ
ସ୍ପେଶାଲିଷ୍ଟ:- ମୋହିନୀ ବଶୀକରଣ, ବ୍ୟବସାୟରେ ବାଧା, ରୁଷିଥିବା ବ୍ୟକ୍ତିଙ୍କୁ ରାଜି କରାଇବା, ବିବାହରେ ବାଧା, ଶତ୍ରୁ ଓ ପଡ଼ୋଶୀ ହଇରାଣ କରିବା, ଯଦି ଆପଣଙ୍କ ସ୍ୱାମୀ କିମ୍ବା ପୁତ୍ର କାହା ବଶରେ ଥାଆନ୍ତି ତେବେ ଥରେ ନିଶ୍ଚୟ ଫୋନ୍ କରନ୍ତୁ।
ଭଣ୍ଡ ବାବାମାନଙ୍କ ପ୍ରତି ସାବଧାନ!
ଫୋନ୍‌ରେ ଘରେ ବସି 100% ସମାଧାନ ପାଆନ୍ତୁ
8054793195

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସୀକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ,
ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

କରୋନା ପରେ Income ପାଇଁ ଆମ କମ୍ପାନୀ
INDUS TOWER LTD.
ନିଜ ଖାଲି ଜମି, ଛାତ, ଖେତ, ପ୍ଲଟ୍‌ରେ ଡିଜିଟାଲ ଟାୱାର ଲଗାନ୍ତୁ
ଅଗ୍ରିମ- 65 ଲକ୍ଷ
ଭଡ଼ା- 65,000
ବାଇକ୍ ଅନ୍ୟାନ୍ୟ ସୁବିଧା
1ରୁ 100 କଲରଙ୍କୁ ବିଶେଷ ରିହାତି
କାମ ଆମର - ବିଶ୍ୱାସ ଆପଣଙ୍କର
75290-79967
B-34/7 A Block Vijay Enclave, Bururi, New Delhi

PM ଜନଧନ ଯୋଜନା ଅଧୀନରେ Online Loan Apply କରନ୍ତୁ
ଲକ୍‌ଡାଉନ୍ ପରେ ଟଙ୍କାର ଆବଶ୍ୟକତାକୁ ନେଇ ଚିନ୍ତିତ ହୁଅନ୍ତୁ ନାହିଁ
MAHALAXMI FINANCE
Reg. No. MH31140D55
ପର୍ସନାଲ, ଆଧାରକାର୍ଡ, ମାର୍କଶିଟ୍, ବ୍ୟବସାୟ, ପ୍ରପର୍ଟି, ଗ୍ରୁପ୍ ସବୁ ଋଣ ମାତ୍ର 24 ଘଣ୍ଟାରେ
50 ଲକ୍ଷ ପର୍ଯ୍ୟନ୍ତ ସହଜ କିସ୍ତିରେ ଋଣ ପରିଶୋଧ କରନ୍ତୁ
1% ସୁଧ, 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
94670-03315
5/96, Paschim Vihar, Delhi.

ସରସ ଫାଇନାନ୍ସ
ଋଣ କରାନ୍ତୁ ମାତ୍ର 24 ଘଣ୍ଟାରେ
ସବୁ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଋଣ, ପଶୁପାଳନ, ବ୍ୟବସାୟ ଓ ଗୃହ ଋଣ
50% ଛାଡ଼ 1% ସୁଧ
କମ୍ ସୁଧ ହାରରେ ଋଣ ମିଳିବ
ଥରେ ସେବାର ସୁଯୋଗ ଦିଅନ୍ତୁ Online ସୁବିଧା
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

